ନରେନ୍ଦ୍ର ନାଥ ଖାୱାରେ

ବନାମ

ପାରସନାଥ ଖାୱାରେ ଏବଂ ଅନ୍ୟମାନେ

ଏପ୍ରିଲ 17, 2003

[ଏମ୍.ବି. ଶାହ ଏବଂ ଅରୁଣ କୁମାର ନ୍ୟାୟମୂର୍ତ୍ତିଦ୍ୱୟ]

ଭାରତୀୟ ଦଣ୍ଡ ସଂହିତା, 1860—ଧାରା 148, 149 ସହ ପଠିତ ଧାରା 302—ବିଚାରଣ ଅଦାଲତଙ୍କ ଦ୍ୱାରା ଦୋଷମୁକ୍ତି—ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଅପିଲ ଖାରଜ—ଏହାର ଯୌକ୍ତିକତା—ନିର୍ଣ୍ଣୟ: ଉଚ୍ଚ ନ୍ୟାୟାଳୟ ସାକ୍ଷ୍ୟର ଆକଳନ ନକରି ଏବଂ ତଦନ୍ତରେ ତ୍ରୁଟି ଦର୍ଶାଇ ଅତ୍ୟନ୍ତ ହାଲୁକା ଏବଂ ଅବହେଳାପୂର୍ଣ୍ଣ ଢଙ୍ଗରେ ଅପିଲର ଫଏସଲା କରିଛନ୍ତି—ତେଣୁ, ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ବାତିଲ କରାଗଲା—ମାମଲାକୁ ପୁନର୍ବିଚାର ପାଇଁ ପଠାଗଲା—ସାକ୍ଷ୍ୟ ଅଧିନିୟମ, 1872 ।

ଭାରତର ସମ୍ବିଧାନ, 1950—ଅନୁଚ୍ଛେଦ 136—ଅଭିଯୁକ୍ତଙ୍କ ଦୋଷମୁକ୍ତି ବିରୁଦ୍ଧରେ ଜଣେ ବ୍ୟକ୍ତିଗତ ପକ୍ଷଙ୍କ ଦ୍ୱାରା ବିଶେଷ ଅନୁମତି ଆବେଦନପତ୍ର ଦାୟର—ଏହାର ଅନୁରକ୍ଷଣୀୟତା—ନିର୍ଣ୍ଣୟ: ଏପରି ଆବେଦନ ଅନୁରକ୍ଷଣୀୟ ଅଟେ, କାରଣ ଅନୁଚ୍ଛେଦ 136 ଉପଯୁକ୍ତ ମାମଲାଗୁଡ଼ିକରେ ହସ୍ତକ୍ଷେପ କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟକୁ ବ୍ୟାପକ ବିବେକାଧିକାର ପ୍ରଦାନ କରିଥାଏ ।

କାର୍ଯ୍ୟପ୍ରଣାଳୀ ଏବଂ ପଦ୍ଧତି—ଫୌଜଦାରୀ ଅପିଲ—ଆଇନ ଏବଂ ତଥ୍ୟର ଜଟିଳ ପ୍ରଶ୍ନ ଜଡ଼ିତ—ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଉପର ଠାଉରିଆ ଭାବେ ଫଏସଲା—ନିର୍ଣ୍ଣୟ: ଯେଉଁଠାରେ ଉଚ୍ଚ ନ୍ୟାୟାଳୟ ପ୍ରଥମ ଅପିଲ ନ୍ୟାୟାଳୟ ଅଟନ୍ତି, ସେଠାରେ ଏପରି ଭାବରେ ଅପିଲଗୁଡ଼ିକର ଫଏସଲା କରାଯିବା ଉଚିତ ନୁହେଁ, କାରଣ ଏହା ଦ୍ୱାରା ପକ୍ଷମାନଙ୍କୁ ସେମାନଙ୍କର ଅପିଲ କରିବାର ଅଧିକାରରୁ ବଞ୍ଚିତ ହେବାକୁ ପଡ଼ିଥାଏ ଏବଂ ନ୍ୟାୟାଳୟ ମଧ୍ୟ ନିଜ କର୍ତ୍ତବ୍ୟ ନିର୍ବାହରେ ବିଫଳ ହେବେ ।

ଅଭିଯୁକ୍ତ-ପ୍ରତିବାଦୀମାନଙ୍କ ବିରୁଦ୍ଧରେ ଅଭିଯୋଗକାରୀଙ୍କ ପୁଅକୁ ହତ୍ୟା କରିବା ପାଇଁ ଭାରତୀୟ ଦଣ୍ଡ ସଂହିତାର ଧାରା 148 ଏବଂ ଧାରା 149 ସହ ପଠିତ ଧାରା 302 ଅଧୀନରେ ଅଭିଯୋଗ ଅଣାଯାଇଥିଲା । ବିଚାରଣ ଅଦାଲତ ଅଭିଯୁକ୍ତମାନଙ୍କୁ ଦୋଷମୁକ୍ତ କରିଥିଲେ । ରାଜ୍ୟ

ସରକାର ଏକ ଅପିଲ ଦାୟର କରିଥିଲେ । ଉଚ୍ଚ ନ୍ୟାୟାଳୟ ତଦନ୍ତରେ ତ୍ରୁଟି ଦର୍ଶାଇ ଅପିଲକୁ ଖାରଜ କରିଦେଇଥିଲେ । ତେଣୁ ଏହି ବର୍ତ୍ତମାନର ଅପିଲ ।

ପ୍ରତିବାଦୀମାନେ ଯୁକ୍ତି କରିଥିଲେ ଯେ କେବଳ ରାଜ୍ୟ ସରକାରଙ୍କର ଏହି ନ୍ୟାୟାଳୟରେ ବିଶେଷ ଅନୁମତି ଆବେଦନପତ୍ର କିମ୍ବା ଅପିଲ ଦାୟର କରିବାର ଅଧିକାର ଥିଲା; ରାଜ୍ୟ ସରକାର ତାହା କରିବାରେ ବିଫଳ ହୋଇଥିବାରୁ, ଅଭିଯୋଗକାରୀଙ୍କ ନିବେଦନରେ ଏକ ଅପିଲ ଅନୁରକ୍ଷଣୀୟ ନୁହେଁ; ଏବଂ ଅଭିଯୋଗକାରୀ ଏକ ଫୌଜଦାରୀ ପୁନଃରୀକ୍ଷଣ ଆବେଦନ ଦାୟର କରିପାରିଥାନ୍ତେ, ଯାହା ସେ କରିନଥିଲେ ଏବଂ ଏହି କାରଣରୁ ମଧ୍ୟ ଅଭିଯୋଗକାରୀ କୌଣସି ଅପିଲ ଦାୟର କରିବାର ଅଧିକାର ହରାଇଥିଲେ ।

ଆବେଦନକାରୀ-ଅଭିଯୋଗକାରୀ ଯୁକ୍ତି କରିଥିଲେ ଯେ ସମ୍ବିଧାନର ଅନୁଚ୍ଛେଦ **136** ଅଧୀନରେ ଏହି ନ୍ୟାୟାଳୟଙ୍କ କ୍ଷମତା ଅତ୍ୟନ୍ତ ବ୍ୟାପକ ଏବଂ ଥରେ ଏହି ନ୍ୟାୟାଳୟ ସେହି କ୍ଷମତାର ପ୍ରୟୋଗ କରି ଅପିଲ ପାଇଁ ଅନୁମତି ପ୍ରଦାନ କରିସାରିବା ପରେ, ପ୍ରତିବାଦୀଙ୍କ ତରଫରୁ ଉଠାଯାଉଥିବା ଏପରି ଆପତ୍ତି ଉପଲବ୍ଧ ରହେ ନାହିଁ ।

ଏହି ଅପିଲର ଫଏସଲା କରି, ନ୍ୟାୟାଳୟ

ନିର୍ଣ୍ଣୟ କଲେ: **1.1.** ଉଚ୍ଚ ନ୍ୟାୟାଳୟ ଅତ୍ୟନ୍ତ ହାଲୁକା ଏବଂ ଅବହେଳାପୂର୍ଣ୍ଣ ଢଙ୍ଗରେ ଅପିଲର ଫଏସଲା କରିଥିଲେ । ପ୍ରଥମ ଅପିଲ ନ୍ୟାୟାଳୟ ହୋଇଥିବାରୁ, ନଥିରେ ଥିବା ସାକ୍ଷ୍ୟର ବିଚାର ଏବଂ ପୁନଃ-ଆକଳନ କରିବା ଆବଶ୍ୟକ ଥିଲା । ଏହା ଅଭିଯୋଗକାରୀ, ଯିଏ ମୃତକଙ୍କ ପିତା ମଧ୍ୟ ଅଟନ୍ତି, ତାଙ୍କ ସାକ୍ଷ୍ୟର କୌଣସି ଉଲ୍ଲେଖ କରିନଥିଲେ । ଅଭିଯୋଗକାରୀ ଜଣେ ଆହତ ଚାକ୍ଷୁଷ ସାକ୍ଷୀ ଥିଲେ । ତେଣୁ, ଘଟଣାସ୍ଥଳରେ ତାଙ୍କର ଉପସ୍ଥିତି ନେଇ କୌଣସି ସନ୍ଦେହ ରହିପାରିବ ନାହିଁ । ଅଭିଯୋଗକାରୀଙ୍କର ଏହି ଅଭିଯୋଗ ଥିଲା ଯେ ଅଭିଯୁକ୍ତ ପକ୍ଷ ପ୍ରଭାବଶାଳୀ ଲୋକ ଥିଲେ ଏବଂ ସେମାନେ ନିଶ୍ଚିତ କରିପାରିଥିଲେ ଯେ ଅଭିଯୋଗକାରୀ ସଂସ୍ଥା ତଦନ୍ତରେ ଏକ ଉଦାସୀନ ମନୋଭାବ ଗ୍ରହଣ କରୁ । ଏହା ଯୋଗୁଁ ଅଭିଯୋଗକାରୀ ଅତିରିକ୍ତ ମୁଖ୍ୟ ନ୍ୟାୟିକ ଦଣ୍ଡାଧିକାରୀଙ୍କ ସମ୍ମୁଖରେ ମାମଲାର ତଦନ୍ତ କରାଯାଉଥିବା ପ୍ରଣାଳୀ ପ୍ରତି ଅଭିଯୋଗ କରି ଏକ ଆପତ୍ତି ଆବେଦନ ଦାୟର କରିବାକୁ ବାଧ ହୋଇଥିଲେ । ବାସ୍ତବରେ, ଏହା ମାମଲାରେ ତଦନ୍ତକାରୀ ଅଧିକାରୀଙ୍କୁ ସାକ୍ଷୀ ଭାବରେ ପରୀକ୍ଷା ନକରିବାର କାରଣ ଦର୍ଶାଏ ।

1.2. ଅନ୍ୟ ସାକ୍ଷୀମାନଙ୍କୁ ପରୀକ୍ଷା କରାଯାଇ ନଥିବା ନେଇ ଉଚ୍ଚ ନ୍ୟାୟାଳୟଙ୍କ ମନ୍ତବ୍ୟ ସମ୍ପର୍କରେ, ଅଧିବକ୍ତା କହିଥିଲେ ଯେ ପ୍ରକୃତ ଘଟଣା ସମୟରେ କେବଳ ଅଭିଯୋଗକାରୀ ଏବଂ ତାଙ୍କ ପୁଅ ଉପସ୍ଥିତ ଥିଲେ । ଅନ୍ୟମାନେ ପୀଡ଼ିତ ପକ୍ଷଙ୍କୁ ଆଘାତ ପହଞ୍ଚାଯିବା ପରେ ଘଟଣାସ୍ଥଳକୁ ଆସିଥିଲେ । ଘଟଣାସ୍ଥଳରେ ପୀଡ଼ିତଙ୍କ ମୃତ୍ୟୁ ହୋଇଥିବାରୁ, ଅଭିଯୋଗକାରୀ ହତ୍ୟାକାଣ୍ଡର ଏକମାତ୍ର ଚାକ୍ଷୁଷ ସାକ୍ଷୀ ଥିଲେ । ଅଭିଯୋଗକାରୀଙ୍କ ବୟାନ ମଧ୍ୟ ସମାନ ଅଟେ । ଅଭିଯୋଗକାରୀଙ୍କ ସାକ୍ଷ୍ୟ ଡାକ୍ତରୀ ସାକ୍ଷ୍ୟ ଏବଂ ଅଭିଯୋଜନ ପକ୍ଷ ସାକ୍ଷୀମାନଙ୍କ ଦ୍ୱାରା ସମର୍ଥିତ ଅଟେ ।

1.3. ତଦନ୍ତକାରୀ ଅଧିକାରୀଙ୍କୁ ପରୀକ୍ଷା ନକରିବା ସମ୍ପର୍କରେ ଏହା ସୁସ୍ଥାପିତ ବିଧି ଯେ ଏହା ଅଭିଯୋଜନ ପକ୍ଷ ପାଇଁ ଗୁରୁତର ନୁହେଁ । ଅନେକ ସମୟରେ ଦେଖାଯାଇଛି ଯେ ଏହା ଅଭିଯୁକ୍ତ ପକ୍ଷକୁ ସାହାଯ୍ୟ କରିବା ପାଇଁ ହୋଇଥାଏ, ବିଶେଷ କରି ଯେଉଁ ମାମଲାରେ ତଦନ୍ତକାରୀ ଅଧିକାରୀମାନେ ନିଜେ ଅନୁପସ୍ଥିତ ରହନ୍ତି ଏବଂ ନ୍ୟାୟାଳୟରେ ସାକ୍ଷୀ ଭାବରେ ହାଜର ହୁଅନ୍ତି ନାହିଁ । ଅଧସ୍ତନ ନ୍ୟାୟାଳୟଗୁଡ଼ିକ ଦ୍ୱାରା ଗ୍ରହଣ କରାଯାଇଥିବା ଅନ୍ୟ ଏକ କାରଣ ହେଉଛି ଘଟଣାସ୍ଥଳରେ ରକ୍ତର ଅଭାବ । ବର୍ତ୍ତମାନର ମାମଲାର ତଥ୍ୟରେ ଏହା ସମ୍ପୂର୍ଣ୍ଣ ଭାବେ କୌଣସି ଗୁରୁତ୍ୱ ରଖେ ନାହିଁ ବୋଲି ସ୍ପଷ୍ଟ କରାଯାଇଥିଲା, ଯେଉଁଠାରେ ପ୍ରକୃତ ଘଟଣା ଘଟିବା ଏବଂ ଏହା ଯେଉଁ ସ୍ଥାନରେ ଘଟିଥିଲା ସେ ସମ୍ପର୍କରେ କୌଣସି ସନ୍ଦେହ ନାହିଁ । ନଥିରୁ ଏହା ମଧ୍ୟ ସ୍ପଷ୍ଟ ହେଉଛି ଯେ ଯେଉଁ ଅଗଣାରେ ଘଟଣାଟି ଘଟିଥିଲା ତାହା ଖୋଲା ଆକାଶ ତଳେ ଥିଲା ଏବଂ ତାହା ଏକ ବର୍ଷା ଦିନ ଥିଲା । ତେଣୁ, ରକ୍ତଦାଗଗୁଡ଼ିକ ଧୋଇ ହୋଇଯାଇଥାଇପାରେ । ତେଣୁ, ଉଚ୍ଚ ନ୍ୟାୟାଳୟ ତାଙ୍କର ଆକ୍ଷେପିତ ରାୟରେ ଦର୍ଶାଇଥିବା କୌଣସି କାରଣ ପ୍ରକୃତରେ ଅପିଲର ଭାଗ୍ୟ ନିର୍ଦ୍ଧାରଣ କରେ ନାହିଁ । ଉଚ୍ଚ ନ୍ୟାୟାଳୟ ନିଜର କର୍ତ୍ତବ୍ୟ ନିର୍ବାହ କରିବାରେ ବିଫଳ ହୋଇଛନ୍ତି । ତେଣୁ, ପୁନର୍ବିଚାର ପାଇଁ ପଠାଇବା ପାଇଁ ଏହା ଏକ ଉପଯୁକ୍ତ ମାମଲା ଅଟେ, ଯଦ୍ୱାରା ଉଚ୍ଚ ନ୍ୟାୟାଳୟ ନଥିରେ ଥିବା ସାକ୍ଷ୍ୟଗୁଡ଼ିକୁ ବିସ୍ତୃତ ଭାବରେ ଯାଞ୍ଚ କରିପାରିବେ ଏବଂ ବର୍ତ୍ତମାନର ମାମଲାରେ ପ୍ରସଙ୍ଗରେ ଥିବା ତଥ୍ୟଗୁଡ଼ିକ ଉପରେ ଏକ ନିର୍ଦ୍ଦିଷ୍ଟ ନିଷ୍କର୍ଷରେ ପହଞ୍ଚିପାରିବେ । ତେଣୁ, ଉଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତିକୁ ବାତିଲ କରାଗଲା ଏବଂ ଉଚ୍ଚ ନ୍ୟାୟାଳୟଙ୍କୁ ମାମଲାର ଗୁଣବତ୍ତା ଆଧାରରେ ଅପିଲର ଶୁଣାଣି କରିବାକୁ ଏବଂ ଆଇନ ଅନୁଯାୟୀ ଏହାର ଫଏସଲା କରିବାକୁ ନିର୍ଦ୍ଦେଶ ଦିଆଗଲା ।

2. ଆଇନ ଏବଂ ତଥ୍ୟର ଜଟିଳ ପ୍ରଶ୍ନ ସହ ଜଡ଼ିତ ଫୌଜଦାରୀ ଅପିଲଗୁଡ଼ିକୁ, ମାମଲାରେ ଜଡ଼ିତ ତଥ୍ୟ ଏବଂ ଆଇନର ପ୍ରଶ୍ନଗୁଡ଼ିକୁ ଯାଞ୍ଚ ନକରି, ଉପର ଠାଉରିଆ ଭାବେ ଫଏସଲା କରିବାର ଏକ ବୃଦ୍ଧିପାଉଥିବା ପ୍ରବୃତ୍ତି ଉଚ୍ଚ ନ୍ୟାୟାଳୟଗୁଡ଼ିକରେ ଲକ୍ଷ୍ୟ କରାଯାଉଛି । ମାମଲାଗୁଡ଼ିକର ବିପୁଳ ବିଚାରଧୀନତା କାରଣରୁ ଏହି ମନୋଭାବ ବୃଦ୍ଧି ପାଉଥାଇପାରେ । କିନ୍ତୁ ଏପରି ସଂକ୍ଷିପ୍ତ ଫଏସଲା ନ୍ୟାୟାଳୟଗୁଡ଼ିକରେ ବକେୟା ମାମଲାର ସମସ୍ୟାର ସମାଧାନ ନୁହେଁ । ଯେଉଁଠାରେ ଉଚ୍ଚ ନ୍ୟାୟାଳୟ ପ୍ରଥମ ଅପିଲ ନ୍ୟାୟାଳୟ ଅଟନ୍ତି, ସେଠାରେ ଏପରି ଭାବରେ ଅପିଲଗୁଡ଼ିକର ଫଏସଲା କରିବା ଦ୍ୱାରା ପକ୍ଷମାନଙ୍କୁ ସେମାନଙ୍କର ଅପିଲ କରିବାର ଅଧିକାରରୁ ବଞ୍ଚିତ ହେବାକୁ ପଡ଼ିଥାଏ । ଯେପର୍ଯ୍ୟନ୍ତ ବିଧି ଅପିଲର ଅଧିକାର ପ୍ରଦାନ କରେ, ନ୍ୟାୟାଳୟ ନିଜ କର୍ତ୍ତବ୍ୟ ନିର୍ବାହ କରିବାରେ ବିଫଳ ହେବେ ଯଦି ଅପିଲଟିକୁ ଏପରି ହାଲୁକା ଏବଂ ଅବହେଳାପୂର୍ଣ୍ଣ ଢଙ୍ଗରେ ଫଏସଲା କରାଯାଏ ଯାହା ଉଚ୍ଚ ନ୍ୟାୟାଳୟ ବର୍ତ୍ତମାନର ମାମଲାରେ କରିଛନ୍ତି ।

ଅରୁଣାଚଳମ୍ ବନାମ ପି. ଏସ୍. ଆର୍. ସଧାନଛମ୍ ଏବଂ ଅନ୍ୟ ଜଣେ, **[1979] 2 SCC 297,** **ମାମଲା ଉପରେ ନିର୍ଭର କରାଗଲା ।**

ପି. ଏସ୍. ଆର୍. ସଧାନଛମ୍ ବନାମ ଅରୁଣାଚଳମ୍ ଏବଂ ଅନ୍ୟ ଜଣେ **(1980) 3 SCC 141** **ମାମଲାଟିକୁ ଅନୁସରଣ କରାଗଲା ।**

ଫୌଜଦାରୀ ଅପିଲୀୟ କ୍ଷେତ୍ରାଧିକାରିତା: ଫୌଜଦାରୀ ଅପିଲ ସଂଖ୍ୟା 499/1994 ।

ସରକାରୀ ଅପିଲ ସଂଖ୍ୟା 28/1992 ରେ ପାଟନା ଉଚ୍ଚ ନ୍ୟାୟାଳୟଙ୍କ 6.4.1993 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପକ୍ଷରୁ ଜୟନ୍ତ ଭୂଷଣ, ସଞ୍ଜୟ କେ. ପାଠକ ଏବଂ ସି.ଏସ୍.ଏନ୍. ମୋହନ ରାଓ।

ପ୍ରତିବାଦୀମାନଙ୍କ ପକ୍ଷରୁ ପି.ଏସ୍. ମିଶ୍ର, ଏସ୍.ବି. ଉପାଧ୍ୟାୟ, ସୁଜିତ କେ. ସିଂହ, ବି.ବି. ସିଂହ ଏବଂ କୁମାର ରାଜେଶ ସିଂହ ।

ନ୍ୟାୟାଳୟଙ୍କ ରାୟ **ନ୍ୟାୟମୂର୍ତ୍ତି ଅରୁଣ କୁମାରଙ୍କ** ଦ୍ୱାରା ପ୍ରଦାନ କରାଯାଇଥିଲା ।

ଅଭିଯୋଗକାରୀ ନରେନ୍ଦ୍ର ନାଥ ଖାୱାରେ ପାଟନା ଉଚ୍ଚ ନ୍ୟାୟାଳୟଙ୍କ 6 ଏପ୍ରିଲ, 1993 ତାରିଖର ରାୟ ବିରୁଦ୍ଧରେ ଅପିଲ କରିବା ପାଇଁ ଅନୁମତି ପ୍ରାର୍ଥନା କରି ଭାରତର ସମ୍ବିଧାନର ଅନୁଚ୍ଛେଦ 136 ଅଧୀନରେ ଏହି ନ୍ୟାୟାଳୟରେ ଏକ ବିଶେଷ ଅନୁମତି ଆବେଦନପତ୍ର ଦାୟର କରିଥିଲେ । 4 ଅଗଷ୍ଟ, 1994 ତାରିଖର ଆଦେଶ ଦ୍ୱାରା ଏହି ନ୍ୟାୟାଳୟଙ୍କ ଦ୍ୱାରା ଅପିଲ ପାଇଁ ଅନୁମତି ପ୍ରଦାନ କରାଯାଇଥିଲା ଏବଂ ମାମଲାଟି ଫୌଜଦାରୀ ଅପିଲ ସଂଖ୍ୟା 499/1994 ଭାବରେ ପଞ୍ଜୀକୃତ ହୋଇଥିଲା । ଉକ୍ତ ଅପିଲଟି ଏହି ନ୍ୟାୟାଳୟଙ୍କ ସମ୍ମୁଖରେ ଚୂଡ଼ାନ୍ତ ଶୁଣାଣି ଏବଂ ଫଏସଲା ପାଇଁ ଆସିଛି । ଶୁଣାଣି ସମୟରେ, ପ୍ରତିବାଦୀମାନଙ୍କ ପକ୍ଷରୁ ଉପସ୍ଥିତ ବିଜ୍ଞ ଅଧିବକ୍ତା ଏହି ଅପିଲର ଅନୁରକ୍ଷଣୀୟତା ସମ୍ପର୍କରେ ଏକ ପ୍ରାରମ୍ଭିକ ଆପତ୍ତି ଉଠାଇଥିଲେ । ଆପତ୍ତିକୁ ବୁଝିବା ପାଇଁ, ମାମଲାର ସଂକ୍ଷିପ୍ତ ତଥ୍ୟ ଉଲ୍ଲେଖ କରିବା ଆବଶ୍ୟକ । ପ୍ରତିବାଦୀମାନଙ୍କ ବିରୁଦ୍ଧରେ ଭାରତୀୟ ଦଣ୍ଡ ସଂହିତାର ଧାରା 148 ଏବଂ ଧାରା 149 ସହ ପଠିତ ଧାରା 302 ଅଧୀନରେ ଅପରାଧ ପାଇଁ ଅଭିଯୋଗ ଅଣାଯାଇଥିଲା । ଯେଉଁ ଘଟଣା ପାଇଁ ଏହି ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଅଭିଯୋଗ ଅଣାଯାଇଥିଲା, ତାହା ହେଉଛି 13 ଜୁନ୍, 1982 ରେ ଅଭିଯୋଗକାରୀ ନରେନ୍ଦ୍ର ନାଥ ଖାୱାରେ (ଅପିଲକାରୀ) ଙ୍କ ପୁଅ ଦିବାକର ଖାୱାରେଙ୍କ ହତ୍ୟା । ଅଭିଯୋଜନ ପକ୍ଷର କହିବା ଅନୁଯାୟୀ, 13 ଜୁନ୍, 1982 ସକାଳେ ଅଭିଯୋଗକାରୀ ତାଙ୍କ ପୁଅ ଦିବାକର ଖାୱାରେ (ମୃତକ) ଙ୍କ ସହ କିଛି ଶ୍ରମିକଙ୍କ ସାହାଯ୍ୟରେ ନିଜ ମକା କ୍ଷେତରୁ ଘାସ ବାଛୁଥିଲେ । ତାଙ୍କ ନିଜ ଭାଇ ପାରସନାଥ ଖାୱାରେ ଘଟଣାସ୍ଥଳକୁ ଆସି ଅଭିଯୋଗକାରୀଙ୍କୁ ଏପରି କରିବାରୁ ବାରଣ କରିଥିଲେ । ଅଭିଯୋଗକାରୀ ଜିଦ୍ ଧରିଥିଲେ ଯେ ତାଙ୍କର ନିଜ ଜମିରେ କାମ କରିବାର ଅଧିକାର ଅଛି । ଏହି ଘଟଣାକୁ କେନ୍ଦ୍ର କରି ପାରସନାଥ ଖାୱାରେ, ଯାହାଙ୍କ ସହିତ ତାଙ୍କ ପୁଅ ଅଭିଯୁକ୍ତ ବିଶ୍ୱନାଥ ଖାୱାରେ ଏବଂ ଶ୍ରୀନାଥ ଖାୱାରେ ଥିଲେ, ଶ୍ରମିକମାନଙ୍କୁ ଗାଳିଗୁଲଜ କରିଥିଲେ ଏବଂ ସେମାନଙ୍କୁ କ୍ଷେତରୁ ଘଉଡ଼ାଇ ଦେଇଥିଲେ । ଅଭିଯୋଗକାରୀ ଏହାର ଦୃଢ଼ ବିରୋଧ କରିଥିଲେ କିନ୍ତୁ ଅଭିଯୁକ୍ତ ପକ୍ଷ ଅଭିଯୋଗକାରୀ ଏବଂ ତାଙ୍କ ପୁଅକୁ ଗାଳିଗୁଲଜ କରିବା ସହ ସେମାନଙ୍କ ଉପରକୁ ଢେଲା ଫିଙ୍ଗିବା ଆରମ୍ଭ କରିଦେଇଥିଲେ । ଅଭିଯୋଗକାରୀ ଏବଂ ତାଙ୍କ ପୁଅ ମଧ୍ୟ ନିଜ ଆତ୍ମରକ୍ଷା ପାଇଁ ବିପରୀତ ପକ୍ଷ ଉପରକୁ ଢେଲା ଫିଙ୍ଗିଥିଲେ । ଏତିକି ବେଳେ କିଛି ଗ୍ରାମବାସୀ ଆସି ଝଗଡ଼ାରେ ହସ୍ତକ୍ଷେପ କରିଥିଲେ । ଏହାର ଫଳସ୍ୱରୂପ, ଅଭିଯୁକ୍ତ ବ୍ୟକ୍ତିମାନେ ଚାଲିଯାଇଥିଲେ । ଅଭିଯୋଗକାରୀ ଏବଂ ତାଙ୍କ ପୁଅ ଦିବାକର

ଖାୱାରେ କ୍ଷେତରେ କାମ ଜାରି ରଖିଥିଲେ । କିଛି ଘଣ୍ଟା ପରେ, ଅର୍ଥାତ୍ ପୂର୍ବାହ୍ନ ପ୍ରାୟ 10.00 ଟା ସମୟରେ, କିଛି ଗ୍ରାମବାସୀ ଅଭିଯୋଗକାରୀଙ୍କୁ ସୂଚନା ଦେଇଥିଲେ ଯେ ଅଭିଯୁକ୍ତ ବ୍ୟକ୍ତିମାନେ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ଫେରୁଛନ୍ତି । ଅଭିଯୁକ୍ତମାନଙ୍କୁ ତାଙ୍କର ନିକଟ ସମ୍ପର୍କୀୟ ଭାବି ଅଭିଯୋଗକାରୀ ଏହି ସାବଧାନବାଣୀ ପ୍ରତି ଧ୍ୟାନ ଦେଇନଥିଲେ । ଅଳ୍ପ ସମୟ ମଧ୍ୟରେ, ସମସ୍ତ ସାତଜଣ ଅଭିଯୁକ୍ତ ଘଟଣାସ୍ଥଳରେ ପହଞ୍ଚିଗଲେ । ସେମାନଙ୍କୁ ଦେଖି ଅଭିଯୋଗକାରୀ ଏବଂ ତାଙ୍କ ପୁଅ ଦିବାକର ଖାୱାରେ ନିଜ ସୁରକ୍ଷା ପାଇଁ ଦୌଡ଼ିଥିଲେ ଏବଂ ନିକଟସ୍ଥ ରାମଧାନୀ ଝାଙ୍କ ଘରେ ପଶିଯାଇଥିଲେ । ସେମାନେ ଭିତରୁ କବାଟ କିଳି ଏକ ଘରେ ଲୁଚି ଯାଇଥିଲେ । ତେବେ, ଘରର ମୁଖ୍ୟ ଫାଟକ ଖୋଲା ଥିବାରୁ, ଅଭିଯୁକ୍ତମାନେ ଘର ଭିତରକୁ ପଶି ଆସିଥିଲେ ଏବଂ ଭିତରୁ କିଳାଯାଇଥିବା କବାଟକୁ ଭାଙ୍ଗି ଦେଇଥିଲେ । ସେମାନେ ଯେଉଁ ଘରେ ଅଭିଯୋଗକାରୀ ଏବଂ ତାଙ୍କ ପୁଅ ଦିବାକର ଖାୱାରେ ଲୁଚିଥିଲେ, ସେହି ଘର ଭିତରକୁ ପ୍ରବେଶ କରିଥିଲେ । ଦିବାକର ଖାୱାରେଙ୍କୁ ଘର ଭିତରୁ ଘୋଷାଡ଼ି ଆଣି ଘରର ଅଗଣାକୁ ଅଣାଯାଇଥିଲା, ଯେଉଁଠାରେ ଅଭିଯୁକ୍ତ ବିଶ୍ୱନାଥ ଖାୱାରେ ତାଙ୍କ ପେଟରେ ବର୍ଚ୍ଛାରେ ଆଘାତ କରିଥିବା କୁହାଯାଏ । ଆଘାତ ଫଳରେ ଦିବାକର ଖାୱାରେ ତଳେ ପଡ଼ିଯାଇଥିଲେ । ଅଭିଯୁକ୍ତ ପାରସନାଥ ଖାୱାରେ ଦିବାକର ଖାୱାରେଙ୍କ ମୁଣ୍ଡରେ ଫାର୍ସାରେ ଆଘାତ କରିଥିଲେ । ଅନ୍ୟ ଅଭିଯୁକ୍ତମାନେ ମଧ୍ୟ ନିଜ ନିଜ ଅସ୍ତ୍ରଶସ୍ତ୍ରରେ ଦିବାକରଙ୍କୁ ଆକ୍ରମଣ କରିଥିଲେ । ଅଭିଯୋଗକାରୀ ତାଙ୍କ ପୁଅକୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ କିନ୍ତୁ ଅଭିଯୁକ୍ତ ସରୋଜ ଝା ଏବଂ ଶ୍ରୀନାଥ ଖାୱାରେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ । ଏସବୁ ଚାଲିଥିବା ସମୟରେ, ରାମଧାନୀ ଝା, ବସନ୍ତ କୁମାର ଝା, ସୁରେନ୍ଦ୍ର ଝା ଏବଂ ସଚ୍ଚିଦାନନ୍ଦ ଝାଙ୍କ ସହ ଗ୍ରାମବାସୀମାନେ ଆସି ହସ୍ତକ୍ଷେପ କରିଥିଲେ ଏବଂ ପୀଡ଼ିତମାନଙ୍କୁ ଅତ୍ୟଧିକ ଆକ୍ରମଣରୁ ରକ୍ଷା କରିଥିଲେ । ତେବେ, ଦିବାକର ଖାୱାରେଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଅପରାହ୍ନ ପ୍ରାୟ 1.00 ଟାରେ ପୋଲିସ୍ ଗାଁରେ ପହଞ୍ଚିଥିଲା, ଯେତେବେଳେ ଅଭିଯୋଗକାରୀ ନରେନ୍ଦ୍ର ନାଥ ଖାୱାରେଙ୍କ ବୟାନ ନଥିଭୁକ୍ତ କରାଯାଇଥିଲା । ଉକ୍ତ ବୟାନ ଆଧାରରେ, ଏକ ଏତଲା ଦାୟର କରାଯାଇଥିଲା ଏବଂ ସାତଜଣ ଅଭିଯୁକ୍ତଙ୍କ ବିରୁଦ୍ଧରେ ଆରୋପ ପତ୍ର ଦାଖଲ କରାଯାଇ ଉପରୋକ୍ତ ଅପରାଧ ପାଇଁ ବିଚାର କରାଯାଇଥିଲା । ଦୌରା ଅଦାଲତ ତାଙ୍କର 19 ଜୁନ୍, 1992 ତାରିଖର ରାୟ ଦ୍ୱାରା ଅଭିଯୁକ୍ତମାନଙ୍କୁ ସନ୍ଦେହର ଲାଭ ଦେଇ ଏବଂ ତଦନ୍ତରେ ତ୍ରୁଟି ଦର୍ଶାଇ ସମସ୍ତ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଥିଲେ ।

ଦୌରା ଅଦାଲତଙ୍କ ଉକ୍ତ ରାୟ ବିରୁଦ୍ଧରେ ବିହାର ରାଜ୍ୟ ଏକ ଅପିଲ ଦାୟର କରିଥିଲା । ଉଚ୍ଚ ନ୍ୟାୟାଳୟ ନିମ୍ନଲିଖିତ ମନ୍ତବ୍ୟ ଦେଇ ସେହି ଅପିଲଟିକୁ ପ୍ରାରମ୍ଭରେ ହିଁ ଖାରଜ କରିଦେଇଥିଲେ:

> "ମାମଲାର ଗୁଣବତ୍ତା ସମ୍ପର୍କରେ, ନଥି ଅନୁଧ୍ୟାନରୁ ଏହା ସ୍ପଷ୍ଟ ଯେ ପ୍ରାରମ୍ଭିକ ଲିଖିତ ବୟାନରେ ନାମିତ ସାକ୍ଷୀମାନଙ୍କୁ ଅଭିଯୋଜନ ପକ୍ଷ ଦ୍ୱାରା ଜେରା କରାଯାଇ ନାହିଁ ଏବଂ ନ୍ୟାୟାଳୟରେ ଜେରା କରାଯାଇଥିବା ସାକ୍ଷୀମାନଙ୍କୁ ଘଟଣା ତାରିଖର ଆଠ ମାସ ପରେ ପୋଲିସ୍ ଦ୍ୱାରା ଜେରା କରାଯାଇଥିଲା । ଏହା ମଧ୍ୟ ସ୍ପଷ୍ଟ ଯେ ମାମଲାର ତଦନ୍ତକାରୀ ଅଧିକାରୀଙ୍କୁ ଜେରା କରାଯାଇ ନାହିଁ । ତେଣୁ, କୌଣସି ଯୁକ୍ତିଯୁକ୍ତତା/ଗୁଣାବତ୍ତା ନାହିଁ । ଆହୁରି ମଧ୍ୟ, ଅପିଲଟି ତମାଦି ହୋଇଯାଇଛି, ଯାହାର ବିଚାର କରାଯାଇପାରିବ ନାହିଁ ।"

ଉଚ୍ଚ ନ୍ୟାୟାଳୟଙ୍କ ଉକ୍ତ ରାୟ ବିରୁଦ୍ଧରେ, ଅଭିଯୋଗକାରୀ ଏହି ନ୍ୟାୟାଳୟରେ ଏକ ବିଶେଷ ଅନୁମତି ଆବେଦନପତ୍ର ଦାୟର କରିଥିଲେ । ଅନୁମତି ପ୍ରଦାନ କରାଯାଇଥିଲା । ତେଣୁ ବର୍ତ୍ତମାନର ଅପିଲ କରାଯାଇଛି । ଚୂଡ଼ାନ୍ତ ଶୁଣାଣି ପାଇଁ ଅପିଲଟି ପଞ୍ଜୀକୃତ ହୋଇଛି ।

ପ୍ରତିବାଦୀମାନଙ୍କ ବିଜ୍ଞ ଅଧିବକ୍ତା ଯୁକ୍ତି କରିଛନ୍ତି ଯେ କେବଳ ବିହାର ରାଜ୍ୟର ଏହି ନ୍ୟାୟାଳୟରେ ବିଶେଷ ଅନୁମତି ଆବେଦନପତ୍ର କିମ୍ବା ଅପିଲ ଦାୟର କରିବାର ଅଧିକାର ଥିଲା । ରାଜ୍ୟ ତାହା କରିବାରେ ବିଫଳ ହୋଇଥିବାରୁ, ଅଭିଯୋଗକାରୀଙ୍କ ନିବେଦନରେ ଏକ ଅପିଲ ଅନୁରକ୍ଷଣୀୟ ନୁହେଁ । ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଅଭିଯୋଗକାରୀଙ୍କର ଅପିଲ କରିବାର କୌଣସି ଅଧିକାର ନଥିଲା । ତେବେ, ଅଭିଯୋଗକାରୀ ଏକ ଫୌଜଦାରୀ ପୁନଃରୀକ୍ଷଣ ଆବେଦନ ଦାୟର କରିପାରିଥାନ୍ତେ ଯାହା ସେ କରିନଥିଲେ ଏବଂ ଏହି କାରଣରୁ ମଧ୍ୟ ଅଭିଯୋଗକାରୀ କୌଣସି ଅପିଲ ଦାୟର କରିବାର ଅଧିକାର ହରାଇଥିଲେ ।

ଆମେ ପକ୍ଷମାନଙ୍କ ବିଜ୍ଞ ଅଧିବକ୍ତାମାନଙ୍କ ଯୁକ୍ତି ଶୁଣିଲୁ । ଅପିଲର ଅନୁରକ୍ଷଣୀୟତା ସମ୍ପର୍କିତ ଆପତ୍ତି ବିଷୟରେ, ଅପିଲକାରୀଙ୍କ ବିଜ୍ଞ ଅଧିବକ୍ତା କହିଥିଲେ ଯେ ଭାରତର ସମ୍ବିଧାନର ଅନୁଚ୍ଛେଦ 136 ଅଧୀନରେ ଏହି ନ୍ୟାୟାଳୟଙ୍କ କ୍ଷମତା ଅତ୍ୟନ୍ତ ବ୍ୟାପକ ଅଟେ ଏବଂ ଥରେ ଏହି ନ୍ୟାୟାଳୟ ସେହି କ୍ଷମତାର ପ୍ରୟୋଗ କରି ଅପିଲ ପାଇଁ ଅନୁମତି ପ୍ରଦାନ କରିସାରିବା ପରେ, ପ୍ରତିବାଦୀଙ୍କ ତରଫରୁ ଉଠାଯାଉଥିବା ଏପରି ଆପତ୍ତି ଉପଲବ୍ଧ ରହେ ନାହିଁ । ଅପିଲ ପାଇଁ ଅନୁମତି ପ୍ରଦାନ

କରିବାର ପରିଣାମ ହେଉଛି ଯେ ଏହି ନ୍ୟାୟାଳୟ ଆକ୍ଷେପିତ ରାୟ ବିରୁଦ୍ଧରେ ଅପିଲ ଶୁଣିବା ପାଇଁ ଉପଯୁକ୍ତ ମନେ କରିଛନ୍ତି । ତେଣୁ, ଅପିଲର ଶୁଣାଣି ଏବଂ ଫଏସଲା ମାମଲାର ଗୁଣବତ୍ତା ଆଧାରରେ କରାଯିବା ଆବଶ୍ୟକ । ଏହି ସମ୍ପର୍କରେ, ଆମର ଧ୍ୟାନ *ଅରୁଣାଚଳମ ବନାମ ପି.ଏସ୍.ଆର୍. ସଧାନଛମ୍ ଏବଂ ଅନ୍ୟ ଜଣେ*, [1979] 2 SCC 297 ମାମଲା ଆଡ଼କୁ ଆକର୍ଷିତ କରାଯାଇଛି । ଏହା ଲକ୍ଷ୍ୟ କରାଯାଇଥିଲା ଯେ "ସମ୍ବିଧାନର ଅନୁଚ୍ଛେଦ 136 ଅଧୀନରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଠାରେ ନ୍ୟସ୍ତ ଅପିଲ ସମ୍ବନ୍ଧୀୟ କ୍ଷମତାକୁ ନିର୍ଦ୍ଦିଷ୍ଟ ବିଧି ଅଧୀନରେ ଅପିଲୀୟ ଅଦାଲତ ଏବଂ ଅପିଲୀୟ ନ୍ୟାୟାଧିକରଣଗୁଡ଼ିକ ଦ୍ୱାରା ପ୍ରୟୋଗ କରାଯାଉଥିବା ସାଧାରଣ ଅପିଲୀୟ କ୍ଷମତା ସହିତ ଭ୍ରମିତ କରାଯିବା ଉଚିତ ନୁହେଁ । ଏହା ନ୍ୟାୟର ଜରୁରୀ ଆବଶ୍ୟକତାକୁ ପୂରଣ କରିବା ପାଇଁ 'ସାଧାରଣ ଆଇନର ପରିସର ବାହାରେ ପ୍ରୟୋଗଯୋଗ୍ୟ' ଏକ ପୂର୍ଣ୍ଣାଙ୍ଗ କ୍ଷମତା ଅଟେ । ସମ୍ବିଧାନର ଅନୁଚ୍ଛେଦ 136 କାହାକୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ କ୍ଷେତ୍ରାଧିକାର ପ୍ରୟୋଗ କରିବାର ଅଧିକାର ପ୍ରଦାନ କରେ ନାହିଁ କିମ୍ବା କାହାକୁ ନ୍ୟାୟାଳୟଙ୍କ କ୍ଷେତ୍ରାଧିକାରର ଆଶ୍ରୟ ନେବାରୁ ବାରଣ କରେ ନାହିଁ । ଏହି କ୍ଷମତା ସର୍ବୋଚ୍ଚ ନ୍ୟାୟାଳୟଙ୍କ ଠାରେ ନ୍ୟସ୍ତ ଅଛି କିନ୍ତୁ ନ୍ୟାୟାଳୟଙ୍କ କ୍ଷେତ୍ରାଧିକାରର ଆଶ୍ରୟ ନେବାର ଅଧିକାର କାହାଠାରେ ନ୍ୟସ୍ତ ନାହିଁ । ସର୍ବୋଚ୍ଚ ନ୍ୟାୟାଳୟଙ୍କ କ୍ଷମତା ପ୍ରୟୋଗର ଆଶ୍ରୟ କିଏ ନେଇପାରିବ ସେ ସମ୍ପର୍କରେ କୌଣସି ସୀମାବଦ୍ଧତା ଦ୍ୱାରା ପ୍ରତିବନ୍ଧକ ନାହିଁ । ଯେଉଁଠାରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଏକ ଦୋଷମୁକ୍ତି ରାୟ ନ୍ୟାୟର ଏକ ଗୁରୁତର ଅପପ୍ରୟୋଗର କାରଣ ହୋଇଛି, ସେଠାରେ ରାଜ୍ୟ ସରକାର ନୁହେଁ ବରଂ ଜଣେ ବ୍ୟକ୍ତିଗତ ପକ୍ଷ ନ୍ୟାୟାଳୟଙ୍କ କ୍ଷେତ୍ରାଧିକାରର ଆଶ୍ରୟ ନେଇଛନ୍ତି ବୋଲି ଦର୍ଶାଇ ସର୍ବୋଚ୍ଚ ନ୍ୟାୟାଳୟ ନିଜ କର୍ତ୍ତବ୍ୟ ନିର୍ବାହରୁ ଓହରି ଯାଇପାରିବେ ନାହିଁ ଏବଂ ହସ୍ତକ୍ଷେପ କରିବାରୁ କ୍ଷାନ୍ତ ରହିପାରିବେ ନାହିଁ ।"

ଅରୁଣାଚଳମ୍ (ଉପରୋକ୍ତ) ମାମଲାର ନିଷ୍ପତ୍ତିକୁ ଭାରତର ସମ୍ବିଧାନର ଅନୁଚ୍ଛେଦ 32 ଅଧୀନରେ ଏକ ଆବେଦନ ମାଧ୍ୟମରେ ଆପତ୍ତି କରାଯାଇଥିଲା । ଏହା ଯୁକ୍ତି କରାଯାଇଥିଲା ଯେ ମୃତକଙ୍କ ଭାଇଙ୍କୁ ବିଶେଷ ଅନୁମତି ପ୍ରଦାନ କରିବାର କୌଣସି କ୍ଷମତା ସର୍ବୋଚ୍ଚ ନ୍ୟାୟାଳୟଙ୍କର ନାହିଁ। *ପି.ଏସ୍.ଆର୍. ସଧାନଛମ୍ ବନାମ ଅରୁଣାଚଳମ ଏବଂ ଅନ୍ୟ ଜଣେ*, [1980] 3 SCC 141 ମାମଲାରେ ଏହି ନ୍ୟାୟାଳୟଙ୍କ ଏକ ସାମ୍ବିଧାନିକ ପୀଠ ଦୋଷମୁକ୍ତି ଆଦେଶ ବିରୁଦ୍ଧରେ ଭାରତର ସମ୍ବିଧାନର ଅନୁଚ୍ଛେଦ 136 ଅଧୀନରେ ଜଣେ ବ୍ୟକ୍ତିଗତ ପକ୍ଷଙ୍କ ଆବେଦନ ଦାୟର କରିବାର ଅଧିକାରକୁ କାଏମ ରଖି ଆଜ୍ଞାଦେଶ ଆବେଦନକୁ ଖାରଜ କରିଦେଇଥିଲେ । ଏହା ଲକ୍ଷ୍ୟ

କରାଯାଇଥିଲା ଯେ "ସ୍ପଷ୍ଟ ଶବ୍ଦରେ ଅନୁଚ୍ଛେଦ 136 ଜଣେ ପକ୍ଷଙ୍କୁ ସେହିପରି ଅପିଲ କରିବାର ଅଧିକାର ପ୍ରଦାନ କରେ ନାହିଁ କିନ୍ତୁ ଏହା ଉପଯୁକ୍ତ ମାମଲାଗୁଡ଼ିକରେ ହସ୍ତକ୍ଷେପ କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ଏକ ବ୍ୟାପକ ବିବେକାଧିକାର ପ୍ରଦାନ କରେ । ଏହା ଏକ ଅବଶିଷ୍ଟ କ୍ଷମତା ଅଟେ ଏବଂ ଏହାର ବିସ୍ତାରରେ ଅସାଧାରଣ ଅଟେ । କିନ୍ତୁ ସମ୍ବିଧାନ ନିର୍ମାତାମାନେ ଅନୁଚ୍ଛେଦ 136 ର ଶବ୍ଦାବଳୀରେ ହିଁ ଉଦ୍ଦେଶ୍ୟ ରଖିଥିଲେ ଯେ ଏହା ଦେଶର ସର୍ବୋଚ୍ଚ ବିଚାରପତିମାନଙ୍କ ଦ୍ୱାରା ଆମ ଆଇନଶାସ୍ତ୍ରର ନଜିର ଦ୍ୱାରା ସୁପ୍ରତିଷ୍ଠିତ ନ୍ୟାୟିକ ନୀତିଗୁଡ଼ିକୁ ନିଷ୍ଠାର ସହିତ ପାଳନ କରି ପ୍ରୟୋଗ କରାଯିବ ।"

ଏହି ନ୍ୟାୟାଳୟଙ୍କ ଉପରୋକ୍ତ ନିଷ୍ପତ୍ତିଗୁଡ଼ିକୁ ଦୃଷ୍ଟିରେ ରଖି, ପ୍ରତିବାଦୀଙ୍କ ବିଜ୍ଞ ଅଧିବକ୍ତାଙ୍କ ଦ୍ୱାରା ବର୍ତ୍ତମାନର ଅପିଲର ଅନୁରକ୍ଷଣୀୟତା ଉପରେ ଉଠାଯାଇଥିବା ଆପତ୍ତିରେ ଆମେ କୌଣସି ଗୁଣବତ୍ତା ଦେଖିବାକୁ ପାଉନାହୁଁ ।

ଅପିଲର ଗୁଣବତ୍ତା ବିଷୟକୁ ଆସିଲେ, ଆମେ ଦେଖିବାକୁ ପାଉ ଯେ ଉଚ୍ଚ ନ୍ୟାୟାଳୟ ଅତ୍ୟନ୍ତ ହାଲୁକା ଏବଂ ଅବହେଳାପୂର୍ଣ୍ଣ ଢଙ୍ଗରେ ଅପିଲର ଫଏସଲା କରିଥିଲେ । ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ, ଏହା ସାତଜଣ ଅଭିଯୁକ୍ତଙ୍କୁ ନେଇ ଦୋଷମୁକ୍ତି ବିରୁଦ୍ଧରେ ଏକ ଅପିଲ ଥିଲା ଏବଂ ସେମାନଙ୍କ ବିରୁଦ୍ଧରେ ଭାରତୀୟ ଦଣ୍ଡ ସଂହିତାର ଧାରା 149 ସହ ପଠିତ ଧାରା 148 ଏବଂ 302 ଅଧୀନରେ ଅଭିଯୋଗ ଥିଲା । ଉଚ୍ଚ ନ୍ୟାୟାଳୟ ପ୍ରଥମ ଅପିଲ ନ୍ୟାୟାଳୟ ହୋଇଥିବାରୁ, ନଥିରେ ଥିବା ସାକ୍ଷ୍ୟର ବିଚାର ଏବଂ ପୁନଃ-ଆକଳନ କରିବା ଆବଶ୍ୟକ ଥିଲା । ନଥିରେ ଥିବା ସାକ୍ଷ୍ୟକୁ ଯାଞ୍ଚ କରିବା ପାଇଁ କୌଣସି ଉଦ୍ୟମ ନକରି କିଛି ସାଧାରଣ ମନ୍ତବ୍ୟ ଆଧାରରେ ଉଚ୍ଚ ନ୍ୟାୟାଳୟ ଯେପରି ଭାବରେ ଅପିଲର ଫଏସଲା କଲେ, ତାହା ଆମେ ଗ୍ରହଣ କରିପାରୁନାହୁଁ । ଆମ ସମ୍ମୁଖରେ ଅପିଲକାରୀଙ୍କ ପକ୍ଷରୁ ଉପସ୍ଥିତ ବିଜ୍ଞ ଅଧିବକ୍ତା ବିଶେଷ ଭାବରେ ଅଭିଯୋଜନ ସାକ୍ଷୀ 1, ଅଭିଯୋଗକାରୀ, ଯିଏ ମୃତକଙ୍କ ପିତା ମଧ୍ୟ ଅଟନ୍ତି, ତାଙ୍କ ସାକ୍ଷ୍ୟ ପ୍ରତି ଆମର ଧ୍ୟାନ ଆକର୍ଷଣ କରିଥିଲେ । ଅଭିଯୋଗକାରୀ ଜଣେ ଆହତ ଚାକ୍ଷୁଷ ସାକ୍ଷୀ ଥିଲେ । ତେଣୁ, ଘଟଣାସ୍ଥଳରେ ତାଙ୍କର ଉପସ୍ଥିତି ନେଇ କୌଣସି ସନ୍ଦେହ ରହିପାରିବ ନାହିଁ । ଅଭିଯୋଗକାରୀଙ୍କର ଏହି ଅଭିଯୋଗ ଥିଲା ଯେ ଅଭିଯୁକ୍ତ ପକ୍ଷ ପ୍ରଭାବଶାଳୀ ଲୋକ ଥିଲେ ଏବଂ ସେମାନେ ନିଶ୍ଚିତ କରିପାରିଥିଲେ ଯେ ଅଭିଯୋଗକାରୀ ସଂସ୍ଥା ତଦନ୍ତରେ ଏକ ଉଦାସୀନ ମନୋଭାବ ଗ୍ରହଣ କରୁ । ଏହା ଯୋଗୁଁ ଅଭିଯୋଗକାରୀ ଅତିରିକ୍ତ ମୁଖ୍ୟ ନ୍ୟାୟିକ ଦଣ୍ଡାଧିକାରୀଙ୍କ ସମ୍ମୁଖରେ

ମାମଲାର ତଦନ୍ତ କରାଯାଉଥିବା ପ୍ରଣାଳୀ ପ୍ରତି ଅଭିଯୋଗ କରି ଏକ ଆପତ୍ତି ଆବେଦନ ଦାୟର କରିବାକୁ ବାଧ ହୋଇଥିଲେ । ବାସ୍ତବରେ, ଏହା ମାମଲାରେ ତଦନ୍ତକାରୀ ଅଧିକାରୀଙ୍କୁ ସାକ୍ଷୀ ଭାବରେ ଯାଞ୍ଚ ନକରିବାର କାରଣ ଦର୍ଶାଏ । ଅନ୍ୟ ସାକ୍ଷୀମାନଙ୍କୁ ଯାଞ୍ଚ କରାଯାଇ ନଥିବା ନେଇ ଉଚ୍ଚ ନ୍ୟାୟାଳୟଙ୍କ ମନ୍ତବ୍ୟ ସମ୍ପର୍କରେ, ଅଧିବକ୍ତା କହିଥିଲେ ଯେ ପ୍ରକୃତ ଘଟଣା ଘଟିବା ସମୟରେ କେବଳ ଅଭିଯୋଗକାରୀ ଏବଂ ତାଙ୍କ ପୁଅ ଦିବାକର ଖାୱାରେ ଉପସ୍ଥିତ ଥିଲେ । ଅନ୍ୟମାନେ ପୀଡ଼ିତ ପକ୍ଷଙ୍କୁ ଆଘାତ ପହଞ୍ଚାଯିବା ପରେ ଘଟଣାସ୍ଥଳକୁ ଆସିଥିଲେ । ଦିବାକର ଖାୱାରେଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାରୁ, ଅଭିଯୋଗକାରୀ ହତ୍ୟାକାଣ୍ଡର ଏକମାତ୍ର ଚାକ୍ଷୁଷ ସାକ୍ଷୀ ଥିଲେ । ଅଭିଯୋଗକାରୀଙ୍କ ସାକ୍ଷ୍ୟ ଡାକ୍ତରୀ ସାକ୍ଷ୍ୟ ଏବଂ ଅଭିଯୋଜନ ସାକ୍ଷୀ 2, 3 ଏବଂ 4 ଙ୍କ ଦ୍ୱାରା ମଧ୍ୟ ସମର୍ଥିତ ଅଟେ । ଅନ୍ୟପକ୍ଷରେ, ଅଧସ୍ତନ ଅଦାଲତଗୁଡ଼ିକର ମନୋଭାବ ଅଭିଯୋଜନ ପକ୍ଷ କଥନରେ ତ୍ରୁଟି ଖୋଜିବା ପରି ଥିଲା, ଅର୍ଥାତ୍ ତଦନ୍ତକାରୀ ଅଧିକାରୀଙ୍କୁ ଯାଞ୍ଚ ନକରିବା ଏବଂ ରାମଧାନୀ ଝା ଆଦିଙ୍କୁ ଯାଞ୍ଚ ନକରିବା । ଏପରି ଆଧାରରେ ଅଭିଯୋଜନ ପକ୍ଷ କଥନକୁ ଖାରଜ କରିଦିଆଗଲା । ଅଭିଯୋଗକାରୀ ଅଭିଯୋଜନ ସାକ୍ଷୀ 1 ଙ୍କ ବୟାନ ଆଡ଼କୁ ଆମର ଧ୍ୟାନ ଆକର୍ଷିତ କରାଯାଇଥିଲା । ବୟାନରୁ ଜଣାପଡ଼େ ଯେ ପ୍ରକୃତ ଘଟଣା ସମୟରେ କେବଳ ଅଭିଯୋଗକାରୀ ଏବଂ ମୃତ ଦିବାକର ଖାୱାରେ ଉପସ୍ଥିତ ଥିଲେ । ଦିବାକର ଖାୱାରେଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାରୁ, ଅଭିଯୋଗକାରୀ ହିଁ ଏକମାତ୍ର ପ୍ରକୃତ ଚାକ୍ଷୁଷ ସାକ୍ଷୀ ଥିଲେ । ରାମଧାନୀ ଝା ଆଦି ଘଟଣାସ୍ଥଳକୁ ଆସିଥିଲେ, ହୁଏତ ଘଟଣା ଘଟିବାର ତୁରନ୍ତ ପରେ, ଏବଂ ତେଣୁ ସେମାନେ ଘଟଣାର ଚାକ୍ଷୁଷ ସାକ୍ଷୀ ନଥିଲେ । ତଦନ୍ତକାରୀ ଅଧିକାରୀଙ୍କୁ ଯାଞ୍ଚ ନକରିବା ସମ୍ପର୍କରେ, ଏହା ସୁସ୍ଥାପିତ ବିଧି ଯେ ଏହା ଅଭିଯୋଜନ ପକ୍ଷ ପାଇଁ ଗୁରୁତର ନୁହେଁ । ଅନେକ ସମୟରେ ଦେଖାଯାଇଛି ଯେ ଅଭିଯୁକ୍ତ ପକ୍ଷକୁ ସାହାଯ୍ୟ କରିବା ପାଇଁ, ବିଶେଷ କରି ଯେଉଁ ମାମଲାରେ ତଦନ୍ତକାରୀ ଅଧିକାରୀମାନେ ଯେକୌଣସି ମୂଲ୍ୟ ପାଇଁ ବଶୀଭୂତ ହୋଇଯାଆନ୍ତି, ତଦନ୍ତକାରୀ ଅଧିକାରୀମାନେ ନିଜେ ଅନୁପସ୍ଥିତ ରୁହନ୍ତି ଏବଂ ନ୍ୟାୟାଳୟରେ ସାକ୍ଷୀ ଭାବରେ ହାଜର ହୁଅନ୍ତି ନାହିଁ । ଅଧସ୍ତନ ନ୍ୟାୟାଳୟଗୁଡ଼ିକ ଦ୍ୱାରା ଗ୍ରହଣ କରାଯାଇଥିବା ଅନ୍ୟ ଏକ କାରଣ ହେଉଛି ଘଟଣାସ୍ଥଳରେ ରକ୍ତର ଅଭାବ । ବର୍ତ୍ତମାନର ମାମଲାର ତଥ୍ୟରେ ଏହା ସମ୍ପୂର୍ଣ୍ଣ ଭାବେ କୌଣସି ଗୁରୁତ୍ୱ ରଖେ ନାହିଁ ବୋଲି ସ୍ପଷ୍ଟ କରାଯାଇଥିଲା, ଯେଉଁଠାରେ ପ୍ରକୃତ ଘଟଣା ଘଟିବା ଏବଂ ଏହା ଯେଉଁ ସ୍ଥାନରେ ଘଟିଥିଲା ସେ ସମ୍ପର୍କରେ କୌଣସି ସନ୍ଦେହ ନାହିଁ । ନଥିରୁ ଏହା ମଧ୍ୟ ସ୍ପଷ୍ଟ ହେଉଛି ଯେ ଯେଉଁ ଅଗଣାରେ ଘଟଣାଟି ଘଟିଥିଲା ତାହା ଖୋଲା ଆକାଶ ତଳେ ଥିଲା ଏବଂ ତାହା ଏକ ବର୍ଷା

ଦିନ ଥିଲା । ତେଣୁ, ଅପିଲକାରୀଙ୍କ ବିଜ୍ଞ ଅଧିବକ୍ତାଙ୍କ ଯୁକ୍ତି ଅନୁଯାୟୀ, ରକ୍ତଦାଗଗୁଡ଼ିକ ଧୋଇ ହୋଇଯାଇଥାଇପାରେ ।

ଉଚ୍ଚ ନ୍ୟାୟାଳୟ ପ୍ରଥମ ଅପିଲ ନ୍ୟାୟାଳୟ ଥିଲେ । ଏହା ଅଭିଯୋଜନ ସାକ୍ଷୀ 1 ଙ୍କ ସାକ୍ଷ୍ୟର ଉଲ୍ଲେଖ ମଧ୍ୟ କରିନଥିଲେ । ଆମେ ବିଚାରଣ ଅଦାଲତଙ୍କ ରାୟରୁ ମଧ୍ୟ ଦେଖିବାକୁ ପାଉ ଯେ ଅଭିଯୋଜନ ସାକ୍ଷୀ 1 ଙ୍କ ସାକ୍ଷ୍ୟକୁ ଯେଉଁ ଧ୍ୟାନ ଦିଆଯିବା କଥା, ତାହା ଦିଆଯାଇ ନାହିଁ । ଏହା ଉଚ୍ଚ ନ୍ୟାୟାଳୟଙ୍କ ଆଦେଶରୁ ସ୍ପଷ୍ଟ ହେବ । ଉଚ୍ଚ ନ୍ୟାୟାଳୟ ଯେପରି ଭାବରେ ଅପିଲର ଫଏସଲା କରିଛନ୍ତି, ସେଥିପାଇଁ ଆମେ ପ୍ରକୃତରେ ଦୁଃଖିତ । ଉଚ୍ଚ ନ୍ୟାୟାଳୟ ତାଙ୍କର ଆକ୍ଷେପିତ ରାୟରେ ଦର୍ଶାଇଥିବା ତିନୋଟି କାରଣ ମଧ୍ୟରୁ କୌଣସିଟି ବି ପ୍ରକୃତରେ ଅପିଲର ଭାଗ୍ୟ ନିର୍ଦ୍ଧାରଣ କରେ ନାହିଁ । ଆମ ବିଚାରରେ, ବାସ୍ତବତା ହେଉଛି ଉଚ୍ଚ ନ୍ୟାୟାଳୟ ନିଜର କର୍ତ୍ତବ୍ୟ ନିର୍ବାହ କରିବାରେ ବିଫଳ ହୋଇଛନ୍ତି । ଆମେ ଭାବୁଛୁ ପୁନଃର୍ବିଚାର ପାଇଁ ପ୍ରେରଣ କରିବା ପାଇଁ ଏହା ଏକ ଉପଯୁକ୍ତ ମାମଲା ଅଟେ, ଯଦ୍ୱାରା ଉଚ୍ଚ ନ୍ୟାୟାଳୟ ନଥିରେ ଥିବା ସାକ୍ଷ୍ୟଗୁଡ଼ିକୁ ବିସ୍ତୃତ ଭାବରେ ଯାଞ୍ଚ କରିପାରିବେ ଏବଂ ବର୍ତ୍ତମାନର ମାମଲାରେ ବିଚାରାଧୀନ ତଥ୍ୟ ଉପରେ ଏକ ନିର୍ଦ୍ଦିଷ୍ଟ ନିଷ୍କର୍ଷରେ ପହଞ୍ଚିପାରିବେ । ତଦନୁଯାୟୀ, ଆମେ ଉଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତିକୁ ବାତିଲ କରୁଛୁ ଏବଂ ଉଚ୍ଚ ନ୍ୟାୟାଳୟଙ୍କୁ ମାମଲାର ଗୁଣବତ୍ତା ଆଧାରରେ ଅପିଲର ଶୁଣାଣି କରିବାକୁ ଏବଂ ଆଇନ ଅନୁଯାୟୀ ଏହାର ଫଏସଲା କରିବାକୁ ନିର୍ଦ୍ଦେଶ ଦେଉଛୁ ।

ଆମେ ଉଚ୍ଚ ନ୍ୟାୟାଳୟଗୁଡ଼ିକରେ ମାମଲାରେ ଜଡ଼ିତ ତଥ୍ୟ ଏବଂ ଆଇନଗତ ପ୍ରଶ୍ନଗୁଡ଼ିକୁ ଯାଞ୍ଚ ନକରି, ଆଇନ ଏବଂ ତଥ୍ୟର ଜଟିଳ ପ୍ରଶ୍ନ ସହ ଜଡ଼ିତ ଫୌଜଦାରୀ ଅପିଲଗୁଡ଼ିକୁ ଉପର ଠାଉରିଆ ଭାବେ ଫଏସଲା କରିବାର ଏକ ବୃଦ୍ଧିପାଉଥିବା ପ୍ରବୃତ୍ତି ଲକ୍ଷ୍ୟ କରିବାକୁ ବାଧ ହେଉଛୁ । ମାମଲାଗୁଡ଼ିକର ବିପୁଳ ବିଚାରଧୀନତା କାରଣରୁ ଏହି ମନୋଭାବ ବୃଦ୍ଧି ପାଉଥାଇପାରେ । କିନ୍ତୁ ଏପରି ସଂକ୍ଷିପ୍ତ ନିଷ୍ପତ୍ତି ନ୍ୟାୟାଳୟଗୁଡ଼ିକରେ ବକେୟା ମାମଲାର ସମସ୍ୟାର ସମାଧାନ ନୁହେଁ । ଯେଉଁଠାରେ ଉଚ୍ଚ ନ୍ୟାୟାଳୟ ପ୍ରଥମ ଅପିଲ ନ୍ୟାୟାଳୟ ଅଟନ୍ତି, ସେଠାରେ ଏପରି ଭାବରେ ଅପିଲଗୁଡ଼ିକର ଫଏସଲା କରିବା ଦ୍ୱାରା ପକ୍ଷମାନଙ୍କୁ ସେମାନଙ୍କ ଅପିଲ କରିବାର ଅଧିକାରରୁ ବଞ୍ଚିତ ହେବାକୁ ପଡ଼ିଥାଏ । ଯେପର୍ଯ୍ୟନ୍ତ ବିଧି ଅପିଲର ଅଧିକାର ପ୍ରଦାନ କରେ, ଆମ ବିଚାରରେ, ନ୍ୟାୟାଳୟ ନିଜ

କର୍ତ୍ତବ୍ୟ ନିର୍ବାହରେ ବିଫଳ ହେବେ ଯଦି ଅପିଲଟିକୁ ଏପରି ହାଲୁକା ଏବଂ ଅବହେଳାପୂର୍ଣ୍ଣ ଢଙ୍ଗରେ ଫଏସଲା କରାଯାଏ ଯାହା ଉଚ୍ଚ ନ୍ୟାୟାଳୟ ବର୍ତ୍ତମାନର ମାମଲାରେ କରିଛନ୍ତି ।

ଉଚ୍ଚ ନ୍ୟାୟାଳୟ ପକ୍ଷମାନଙ୍କୁ ଶୁଣାଣିର ଉଚିତ ସୁଯୋଗ ଦେବା ପରେ ଆଇନ ଅନୁଯାୟୀ ନଥିରେ ଥିବା ତଥ୍ୟ ଏବଂ ସାକ୍ଷ୍ୟର ସଠିକ୍ ଆକଳନ କରି ଅପିଲର ଫଏସଲା କରନ୍ତୁ । ଯେହେତୁ ମାମଲାଟି ଯଥେଷ୍ଟ ପୁରୁଣା, ଉଚ୍ଚ ନ୍ୟାୟାଳୟ ପ୍ରାଥମିକତା ଆଧାରରେ ଶୀଘ୍ର ମାମଲାର ଫଏସଲା କରିବାକୁ ଚେଷ୍ଟା କରିବା ଉଚିତ । ଏହି ରାୟରେ ଦିଆଯାଇଥିବା କୌଣସି ମନ୍ତବ୍ୟ ଗୁଣବତ୍ତା ଆଧାରରେ ଅପିଲର ଫଏସଲା କରିବାରେ ଉଚ୍ଚ ନ୍ୟାୟାଳୟଙ୍କ ପଥରେ ବାଧା ସୃଷ୍ଟି କରିବ ନାହିଁ ।

ଅପିଲଟିର ଫଏସଲା କରାଗଲା ।

ଏନ.ଜେ. ଅପିଲଟିର ଫଏସଲା ହେଲା ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

<u>ଭାଷାନ୍ତର :</u>

ଅମରେଶ୍ୱର ମିଶ୍ର, ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।